**ସମୟ ସୀମା 22-07-2020 ରୁ 28.07.2020 ପର୍ଯ୍ୟନ୍ତ ବୃଦ୍ଧି**

"ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ଅନୁସାରେ ତା ୨୧.୦୭.୨୦୨୦ ଠାରୁ ୨୨.୦୭.୨୦୨୦ କୋରନା ଜନିତ ସଟ ଡାଉନ ଯୋଗୁଁ ସର୍ବସାଧାରଣଙ୍କଠାରୁ ଦୀର୍ଘ ମିଆଦି ଲୀଜ ନିମନ୍ତେ ସଇରାତ ଉସ୍ତ ଗୁଡିକର ପୂର୍ବରୁ ଦରଖାସ୍ତ ଗ୍ରହଣ ନିର୍ଧାରିତ କରାଯାଇଥିବା ସମୟ ସୀମା ତା୨୨.୦୭.୨୦୨୦ କୁ ୨୮.୦୭.୨୦୨୦ ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି"। ଅର୍ଥାତ ତା: ୨୮.୦୭.୨୦୨୦ ରିଖ ଅପରାହ୍ନ ୧.୦୦ ଘଣ୍ଟିକା ସୁଦ୍ଧା ଜଉମୁଦ ଲଫାପାରେ ତହସିଲ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ (ସରକାରୀ ଛୁଟିଦିନ ବ୍ୟତୀତ) କିମ୍ବା ରେଜିଷ୍ଟ୍ରି ଡାକ/ସ୍ପୀଡ ପୋଷ୍ଟ ଯୋଗେ ତହସିଲଦାର, ପାପଡାହାଣ୍ଡି, ଜିଲ୍ଲା: ନବରଙ୍ଗପୁରଙ୍କ ନିକଟକୁ ପ୍ରେରଣ କରିପାରିବେ। ପ୍ରଥମ ଦଫାରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକର ତା: ୨୯.୦୭.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଚୟନ କମିଟିଙ୍କ ଦ୍ୱାରା ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରିଯିବ। ଯଦି କୌଣସି ଉସ୍ତ ନିମନ୍ତେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ସେହି ଉସ୍ତ ନିମନ୍ତେ ତା: ୩୦.୦୭.୨୦୨୦ ରିଖ ଠାରୁ ୦୫.୦୮.୨୦୨୦ରିଖ ଅପରାହ୍ନ ୧.୦୦ ଘଣ୍ଟିକା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ। ଯଦି ଦ୍ୱିତୀୟ ଥର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଉସ୍ତ ନିମନ୍ତେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ସେହି ଉସ୍ତ ନିମନ୍ତେ ତୃତୀୟ ତଥା ଶେଷ ଥର ତା: ୬.୦୮.୨୦୨୦ ରିଖ ଠାରୁ ୧୨.୦୮.୨୦୨୦ ରିଖ ଅପରାହ୍ନ ୧.୦୦ ଘଣ୍ଟିକା ମଧ୍ୟରେ ଉପରୋକ୍ତ ପ୍ରକାରେ ଦରଖାସ୍ତ ଦାଖଲ କରିପାରିବେ। ପ୍ରଥମ ଦଫାରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଓ ଦସ୍ତାବିଜ ଗୁଡିକର ତା: ୨୯.୦୭.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଚୟନ କମିଟିଙ୍କ ଦ୍ୱାରା ଯାଞ୍ଚ କରାଯାଇ ଚୟନ ପ୍ରକ୍ରିୟା ସମ୍ପାଦନ କରିଯିବ। ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ଉପସ୍ଥିତ ରହି ପାରନ୍ତି। ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥି ନିମନ୍ତେ ନିଲାମ ଚୟନ ପ୍ରକୀୟା ଅବ୍ୟହିତ ରହିବ। ଦରଖାସ୍ତ, ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ସଠିକ ନ ଥିଲେ କିମ୍ବା ଆବଶ୍ୟକୀୟ ଦସ୍ତାବିଜ ଏବଂ ଧାର୍ଯ୍ୟ ଦେୟ ପ୍ରଦାନ କରିନଥିଲେ ଉକ୍ତ ଦରଖାସ୍ତକୁ ନାକଚ କରାଯିବ। ଯଦି କୌଣସି ଉସ୍ତ ନିମନ୍ତେ ପ୍ରଥମ ଦଫାରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବୈଧ ଦରଖାସ୍ତ ପ୍ରାପ୍ତ ହୋଇନଥାଏ କିମ୍ବା ଦରଖାସ୍ତକାରୀ ଲିଜ ନିମନ୍ତେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହାହେଲେ ଦ୍ୱିତୀୟ ଏବଂ ଶେଷ ଦଫାରେ ପ୍ରାପ୍ତ ଦସ୍ତବେଜ ଗୁଡିକର ଯଥାକ୍ରମେ ୦୭.୦୮.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ଓ ତା: ୧୩.୦୮.୨୦୨୦ ପୂର୍ବାହ୍ନ ୧୧.୦୦ ଘଣ୍ଟିକା ସମୟରେ ଉପରୋକ୍ତ ପ୍ରକାରେ ଯାଞ୍ଚ କରାଯାଇ ଚୟନ ପ୍ରକିୟା ସମ୍ପାଦନ କରିଯିବ। ଉକ୍ତ ଦିନ ଗୁଡିକରେ କୌଣସି କାରଣରୁ ନିଲାମ କାର୍ଯ୍ୟ ସମ୍ପର୍ଣ୍ଣ ହୋଇନପାରିଲେ ତାହାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟରେ ନିଲାମ କାର୍ଯ୍ୟ ଅନୁଷ୍ଠିତ ହେବ। ଅନ୍ୟ ଦର୍ଶା ଯାଇଥିବା ନିୟମ ପୂର୍ବରୁ ପ୍ରକାଶ ପାଇଥିବା ଇସ୍ତାହାର ସଂଖ୍ୟା ୧୦୩୭, ତାରିଖ: ୦୭.୦୭.୨୦୨୦ ଅନୁସାରେ ବଳବତ୍ତର ରହିବ।

ତେଜମାଲ୍ ହିଆଲ୍ (୨୧.୭.୨୦

ତହସିଲଦାର, ପାପଡାହାଣ୍ଡି

**ତହସିଲଦାର**
**ପାପଡାହାଣ୍ଡି**